# NATIONAL NEWS BULLETIN (ODIA)

**23 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।
- ବ୍ରିଟେନ୍ ଏବଂ ମାଳଦ୍ୱୀପକୁ ୪ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ ।
- ଦେଶର ପ୍ରଥମ ରେଡ଼ିଓ ପ୍ରସାରଣକୁ ସ୍ମରଣକରି ଆଜି ପାଳନ କରାଯାଉଛି ଜାତୀୟ ପ୍ରସାରଣ ଦିବସ ।
- ଭାରତର ଅର୍ଥନୀତି ସବୁଠାରୁ ଅଭିବୃଦ୍ଧିଶୀଳ ଅର୍ଥନୈତିକ ସ୍ଥିତିରେ ପରିଣତ ହେବ ବୋଲି ଏସୀୟ ଉନ୍ନୟନ ବ୍ୟାଙ୍କର ଆକଳନ ।

ଏବଂ

- ଓଲ୍ଡ ଟ୍ରାଫଡଠାରେ ଆଜିଠାରୁ ଆରମ୍ଭ ହେଉଛି ଆଣ୍ଡରସନ-ତେନ୍ଦୁଲକର ଟ୍ରଫି କ୍ରିକେଟ୍ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ।

## ଏଲ୍‌ଏସ୍-ଆର୍‌ଏସ୍ ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଂସଦର ସଦନକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ

ହୋଇଥିଲା । ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବା ପରେ ବିରୋଧୀ ସଦସ୍ୟମାନେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନମାନ ଦେଇଥିଲେ । ଶ୍ରୀ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ବିରୋଧୀ ସଦସ୍ୟଙ୍କ ସହଯୋଗ ଲୋଡିଥିଲେ । ସଂସଦ ସଦନ ମଧ୍ୟରେ ବିଭ୍ରାଟ ସୃଷ୍ଟିକରିବା ଏବଂ ପ୍ଲାକାର୍ଡ ପ୍ରଦର୍ଶନକୁ ବାଚସ୍ପତି ନାପସନ୍ଦ କରିଥିଲେ । ଏହି ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିହାରରେ ରେଳପ୍ରକଳ୍ପ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇଥିଲେ । ତେବେ ବିରୋଧୀଙ୍କ ହଟ୍ଟଗୋଳକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ପ୍ରଥମ ମୁଲତବୀ ପରେ ଲୋକସଭାରେ ବୈଠକ ବସିବା କ୍ଷଣି ବିରୋଧୀ ସଦସ୍ୟମାନେ ବିହାରରେ ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ପଦକ୍ଷେପକୁ ପ୍ରତ୍ୟାହାର କରିବାକୁ ଦାବି କରିବା ସହ ପୁର୍ନବାର ହଟ୍ଟଗୋଳ ଆରମ୍ଭ କରିଥିଲେ । ଏହି ପରିସ୍ଥିତି ମଧ୍ୟରେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ ଏବଂ ଜାତୀୟ ନିଶାଦ୍ରବ୍ୟ ସେବନ ନିରୋଧୀ ସଂଶୋଧନ ବିଲ୍ ୨୦୨୫ ଆଗତ କରିଥିଲେ । ତେବେ ହଟ୍ଟଗୋଳ ପରିସ୍ଥିତି ଅଣାୟତ୍ତ ହେବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳର ସଦସ୍ୟମାନେ

ବିହାର ଭୋଟରତାଲିକା ସ୍ୱତନ୍ତ୍ର ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମୁଲତବୀ ନୋଟିସ୍ ଦେଇଥିଲେ । ତେବେ ଗୃହର ଉପାଧ୍ୟକ୍ଷ ହରିବଂଶ ଏହି ନୋଟିସ୍‌କୁ ଖାରଜ କରିଦେଇଥିଲେ । ଶୂନ୍ୟକାଳ ଆଲୋଚନା ପାଇଁ ଶ୍ରୀ ହରିବଂଶ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ତେବେ ବିରୋଧୀଙ୍କ ପକ୍ଷରୁ ପ୍ରତିବାଦ ଜାରି ରହିବାରୁ ଗୃହକୁ ମୁଲତବୀ ରଖାଯାଇଛି ।

# ପିଏମ୍ - ଡିପାରଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜିଠାରୁ ବ୍ରିଟେନ୍ ଏବଂ ମାଳଦ୍ୱୀପକୁ ୪ଦିନିଆ ଗସ୍ତ ଆରମ୍ଭ ହୋଇଛି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ଶ୍ରୀ ମୋଦୀ ଲଣ୍ଡନଠାରେ ପହଞ୍ଚିବେ । ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବ ।  ଏ ସମ୍ପର୍କରେ ସୂଚନା ଦେଇ ଲଣ୍ଡନରୁ ଆମ ପ୍ରତିନିଧି କହିଛନ୍ତି...

**V/O-Rajesh Bali**

ବ୍ରିଟେନ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ବିକ୍ରମ କୁମାର ଦୋରାଇସ୍ୱାମୀ କହିଛନ୍ତି ଭବିଷ୍ୟତରେ ବ୍ରିଟେନ୍ ସହ ମୁକ୍ତ ବାଣିଜ୍ୟ ଚୁକ୍ତି

ସ୍ୱାକ୍ଷରିତ ହେବାରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ କିଙ୍ଗ୍ ଚାର୍ଲସ୍ ତୃତୀୟଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ବ୍ରିଟେନ୍‌କୁ ଚତୁର୍ଥ ଗସ୍ତ ।

ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖରୁ ପ୍ରଧାନମନ୍ତ୍ରୀ ଦୁଇଦିନିଆ ମାଲଦୀପକୁ ଗସ୍ତରେ ଯିବେ । ମାଲଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯିବା ସହ ମାଲଦୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ।  ଏହି ଅବସରରେ ମାଲଦୀପ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

## ଏଲ୍‌ଏସ୍‌-ବିଲ୍‌ସ

ଲୋକସଭାରେ ଆଜି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ ଆଗତ ହୋଇଛି । ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ବିଲ୍‌ଟିକୁ ଉପସ୍ଥାପନ କରି କହିଛନ୍ତି ଦେଶରେ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌କୁ ପ୍ରୋତ୍ସାହନ ଏବଂ କ୍ରୀଡ଼ା ପ୍ରଶାସନକୁ ଅଧିକ ସୁଦୃଢ଼ କରିବାରେ ଏହି ବିଲ୍ ସହାୟକ ହେବ । ଅଲମ୍ପିକ୍ସ ତଥା ଅନ୍ୟାନ୍ୟ ଆନ୍ତର୍ଜାତିକ କ୍ରୀଡ଼ା ମହୋତ୍ସବର ବିଶ୍ୱସ୍ତରୀୟ ମାନଦଣ୍ଡକୁ ଉନ୍ନୀତ

ହେବାରେ ଏହି ବିଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଡକ୍ଟର ମାଣ୍ଡବୀୟ କହିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ରହୁଥିବା ଆହ୍ୱାନ ଗୁଡ଼ିକର ତ୍ୱରିତ ମୁକାବିଲା ଦିଗରେ ଏହି ବିଲ୍ ଉପଯୋଗୀ ସାବ୍ୟସ୍ତ ହେବ । ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ ମଧ୍ୟ ଲୋକସଭାରେ ଆଜି ଜାତୀୟ ନିଶାଦ୍ରବ୍ୟ ସେବନ ନିରୋଧୀ ସଂଶୋଧନ ବିଲ୍ ୨୦୨୫ ଆଗତ କରିଛନ୍ତି । ଏହି ବିଲ୍‌ରେ ଜାତୀୟ ଡୋପିଙ୍ଗ ନିରୋଧୀ ଆଇନ୍ ୨୦୨୨ରେ ସଂଶୋଧନ ପ୍ରସ୍ତାବ ରହିଛି ।

## ନ୍ୟାସନାଲ ବ୍ରଡକାଷ୍ଟ ଡେ

ଦେଶରେ ଶିକ୍ଷାଗତ ପ୍ରସାର, ସାଂସ୍କୃତିକ ସଂରକ୍ଷଣ, ବିକାଶ ଏବଂ ମନୋରଞ୍ଜନର ପ୍ରସାରଣକୁ ସ୍ମରଣକରି ଆଜି ସମଗ୍ର ଦେଶରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଉଛି । ୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ ଦେଶର ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ୧୯୩୬ ମସିହା ଜୁନ୍ ୮ ତାରିଖରେ ରାଷ୍ଟ୍ରୀୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡ଼ିଓ ରଖାଗଲା । ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଛି । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଶ୍ରୋତାଙ୍କ ପାଖରେ ପହଞ୍ଚାଇବାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସ୍ୱାଧୀନତା ସଂଗ୍ରାମ ଅବସରରେ ସୂଚନା ପ୍ରସାରଣ ଏବଂ ଏକତା ବୃଦ୍ଧିରେ ରେଡ଼ିଓ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ପ୍ରତିପାଦିତ ହୋଇଥିଲା । ଦେଶର କୋଣଅନୁକୋଣରେ ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପହଞ୍ଚାଇବାରେ ଏହା ଏକ ବଳିଷ୍ଠ ମାଧ୍ୟମ ଭାବେ ପ୍ରତିପାଦିତ

ହୋଇପାରିଛି । ୧୯୫୬ ମସିହାରେ ଜାତୀୟ ପ୍ରସାରଣର ନାମ ଆକାଶବାଣୀ ଅର୍ଥାତ୍ ଆକାଶରୁ ସ୍ୱର ଭାବେ ବିକଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ ବିବିଧଭାରତୀୟ ସେବା ଆରମ୍ଭ ହୋଇଥିଲା ।

ଏହି ଅବସରରେ ପ୍ରସାରଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ କହିଛନ୍ତି ଦେଶ ଭିତରେ ଏବଂ ସୀମା ବାହାରେ ଆକାଶବାଣୀ ନିଜ ସ୍ୱରକୁ ପହଞ୍ଚାଇପାରିଛି । ବିବିଧତାକୁ ମାନ୍ୟତା ଦେବା ସହ ଏକତାକୁ ଏହା ଅଧିକ ସୁଦୃଢ଼ କରିପାରିଛି ।

**V/O (Navneet Kumar)**

ଏହି ଦିବସ ପାଳନ ଅବସରରେ ଏକ ଶୁଭେଚ୍ଛା ବାର୍ତ୍ତାରେ ପ୍ରସାର ଭାରତୀର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି ୧୯୩୬ ମସିହାରୁ ଆକାଶବାଣୀ ନିରନ୍ତର ଭାବେ ଦେଶର ସାଂସ୍କୃତିକ ଏବଂ ପାରମ୍ପରିକ ବିବିଧତାକୁ ପ୍ରଚାର କରିଚାଲିଛି । ବିଜ୍ଞାନର ଜୟଯାତ୍ରାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାବ୍ୟସ୍ତ ହୋଇଛି । ସମୟ ସହିତ ତାଳଦେଇ ଦୈନନ୍ଦିନ ଜୀବନର ପ୍ରତ୍ୟେକ ପ୍ରସଙ୍ଗକୁ ଆକାଶବାଣୀ ଲୋକଙ୍କ ପାଖରେ ପହଞ୍ଚାଇପାରିଛି । ଆଜି ଦିବସ ବିଶେଷ ଗୁରୁତ୍ୱ ବହନ କରୁଛି । ଆକାଶବାଣୀ ଏହାର ୯୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଆସନ୍ତା ୨୦୨୭ ଜୁଲାଇ ୨୩ ତାରିଖରେ ରେଡ଼ିଓ ପ୍ରସାରଣର ଶତବାର୍ଷିକୀ ପାଳନ କରାଯିବ ।

ଏହି ଅବସରରେ ଆକାଶବାଣୀ ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର୍ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଆକାଶବାଣୀ ଦେଶର ସ୍ୱର

ଭାବେ ନିଜକୁ ପ୍ରତିପାଦନ କରିପାରିଛି । ବହୁଜନ ହିତାୟ, ବହୁଜନ ସୁଖାୟର ମୂଳମନ୍ତ୍ର ପାଳନ କରିବା ସହ ପ୍ରଯୁକ୍ତିବିଦ୍ୟା ସହିତ ତାଳଦେଇ ଆକାଶବାଣୀ ତା'ର ଯାତ୍ରା ଜାରି ରଖିଛି ବୋଲି ଡକ୍ଟର ଗୌର୍ କହିଛନ୍ତି ।

## ଇସିଆଇ-ଭାଇସ୍ ପ୍ରେସିଡେଣ୍ଟ

ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡଙ୍କ ଇସ୍ତଫା ପ୍ରଦାନ ପରେ ନିର୍ବାଚନ ଆୟୋଗ ଏହି ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତକାଲି ଶ୍ରୀ ଧନଖଡଙ୍କ ଇସ୍ତଫା ଗ୍ରହଣ ସଂକ୍ରାନ୍ତ ସୂଚନା ପ୍ରଦାନ କରିବା ପରେ ଆୟୋଗଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ଆୟୋଗ ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟସୂଚୀ ଘୋଷଣା କରିବେ । ଧାରା ୩୨୪ ଅନୁଯାୟୀ ନିର୍ବାଚନ ଆୟୋଗ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପାଇଁ ନିର୍ବାଚନ ପରିଚାଳନା କରିବା ବାଧ୍ୟତାମୂଳକ । ଶ୍ରୀ ଧନଖଡ ଗତ ସୋମବାର ଦିନ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ ।

# ଇଣ୍ଡିଆ ଜିଡିପି-ଏଡିବି

ଭାରତର ଅର୍ଥନୀତି ସବୁଠାରୁ ଅଭିବୃଦ୍ଧିଶୀଳ ଅର୍ଥନୈତିକ ପରିସ୍ଥିତିରେ ପରିଣତ ହେବାକୁ ଯାଉଛି ବୋଲି ଏସୀୟ ଉନ୍ନୟନ ବ୍ୟାଙ୍କ ଏଡିବି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଚଳିତବର୍ଷ ଅଭିବୃଦ୍ଧି ହାର ୬ ଦଶମିକ ୫ପ୍ରତିଶତ ଏବଂ ଆସନ୍ତାବର୍ଷ ୬ ଦଶମିକ ୭ ପ୍ରତିଶତ ରହିବ ବୋଲି ଏଡିବି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଘରୋଇ ଚାହିଦା ବୃଦ୍ଧି, ସ୍ୱାଭାବିକ ମୌସୁମୀ ଏବଂ ମୁଦ୍ରା ସହଜତା ଦ୍ୱାରା ଅଭିବୃଦ୍ଧିକୁ ସମର୍ଥନ ମିଳୁଛି ବୋଲି ଏଡିବି କହିଛି । ଏହି ରିପୋର୍ଟ ଅନୁଯାୟୀ ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରଣ ମଧ୍ୟରେ ରହିବ। ଚଳିତବର୍ଷ ପାଇଁ ମୁଦ୍ରାସ୍ଫୀତି ହାର ୩ ଦଶମିକ ୮ ପ୍ରତିଶତ ଏବଂ ଆସନ୍ତାବର୍ଷ ପାଇଁ ୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଖାଦ୍ୟସାମଗ୍ରୀ ମୂଲ୍ୟ ହ୍ରାସ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଛି । ଜୁନ୍ ମାସରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ୨ ଦଶମିକ ୧ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ । ଅନ୍ୟପକ୍ଷରେ ଭାରତୀୟ ଶିଳ୍ପ ମହାସଂଘ ସିଆଇଆଇ ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬ ଦଶମିକ ୪ ପ୍ରତିଶତରୁ ୬ ଦଶମିକ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଅନୁମାନ କରିଥିଲା ।

# କ୍ରିକେଟ୍ - ଚତୁର୍ଥ ଟେଷ୍ଟ

ଭାରତ ଓ ଇଂଲଣ୍ଡ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି କ୍ରିକେଟ୍ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ମାଞ୍ଚେଷ୍ଟରର ଓଲ୍‌ଡ ଟ୍ରାଫର୍ଡ କ୍ରିକେଟ ପଡ଼ିଆଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ତିନିଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।  ଆହତ କାରଣରୁ ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ ଏବଂ ଆକାଶଦୀପ୍ ଭାରତୀୟ ଦଳରୁ ବାଦ୍ ପଡିଛନ୍ତି । ଇଂଲଣ୍ଡ ଚୂଡାନ୍ତ ଏକାଦଶ ଘୋଷଣା କରିସାରିଥିବାବେଳେ ଭାରତ ଖେଳାଳି ତାଲିକା ପ୍ରକାଶ କରିବା ବାକି ରହିଛି । ଇଂଲଣ୍ଡ ଦଳ ଚୂଡାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଛନ୍ତି । ଅନ୍ୟପକ୍ଷରେ ଭାରତୀୟ ଦଳରେ ଅଂଶୁଲ କାମ୍ବୋଜକୁ ସାମିଲ କରାଯାଇଛି । ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ସିରିଜ୍‌ରେ ରହିବାକୁ ହେଲେ ଭାରତ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।